# ସାହିତ୍ୟ ଦର୍ପଣ



## ଅବାଞ୍ଛିତ ଅତିଥି-୧



ସୁଦର୍ଶନ ମହାପାତ୍ର

'ମୂଷା ପଶିଛି ଠାକୁର ଘରେ।' ସକାଳୁ ସକାଳୁ ଏଇ ଚାରୋଟି ଶବ୍ଦର ସମ୍ମିଳିତ ବାକ୍ୟ ମୋତେ ଗୋଟିଏ ବିଗ୍ ବ୍ରେକିଂ ନ୍ୟୁଜ୍ ପରି ଶୁଭିଲା।

-' କେମିତି ଜାଣିଲ ?' ପତ୍ନୀଙ୍କ ପ୍ରତି ମୋର ପାଲଟା ପ୍ରଶ୍ନ।

-' ଆଛା କଥା। କେମିତି ଜାଣିବି କ'ଣ ? ମୂଷାଟାକୁ ଦେଖିଲି ତ ତୁମକୁ କହିଲି।'

ତତକ୍ଷଣାତ୍ ମୁଁ ପହଞ୍ଚିଗଲି ସେଇଠି। ଠାକୁର ଘରେ ଥିବା ଦେଉଳ ସଦୃଶ କାଠର ଆସ୍ଥାନ ଆଡକୁ ମୋ ଆଖି ଦୁଇଟି ଘୁରି ବୁଲିଲେ। ହେଲେ ନିରାଶ ହେଲି।' ତୁମେ ଭୁଲ୍ ଦେଖିଛ' ବୋଲି ପତ୍ନୀଙ୍କୁ କହିବାକୁ ଠିକ୍ ମନେ କଲିନି।

ଠାକୁର ଫଟୋରେ ଦିଆଯାଉଥିବା ଫୁଲ ଗୁଡ଼ିକ ପରଦିନ ସକାଳକୁ କେହି ଖାଇଯାଉଥିବାର ଆମେ ଦେଖୁଥିଲୁ ଗତ ଚାରି ପାଞ୍ଚ ଦିନ ଧରି।ଆମ ଭିତରେ ଏ ବିଷୟରେ ଆଲୋଚନା ମଧ ହୋଇଥିଲା।ଅସରପା ମାନଙ୍କର ଏ ସବୁ କାମ ବୋଲି ଆମେ ଆପାତତଃ ଧରି ନେଇଥିଲୁ।ଅସରପା ମାନଙ୍କୁ ମାରିବାକୁ ଆମେ
ଅବଶ୍ୟ କୌଣସି ଯୋଜନା କରି ନଥିଲୁ। ପ୍ରତ୍ୟେକ ଦିନ ସକାଳୁ ଠାକୁରଙ୍କ ଫଟୋରେ ସଜ୍ଜିତ ଧଳା, ଗୋଲାପୀ, ନାଲି ମନ୍ଦାରର ପାଖୁଡ଼ା ସବୁ ଖଣ୍ଡିଆ ଖାବରା ରୂପ ଧାରଣ କରୁଥିଲେ। ଝାଉଁଳି ପଡିଥିବା ଫୁଲ ମାନଙ୍କୁ ଦେଖିବାରେ ଅଭ୍ୟସ୍ତ ଆଖି ଏସବୁ ଦେଖି ବିମର୍ଷ ବୋଧ କରୁଥିଲେ।

ହେଲେ ଆଜିର ଚାକ୍ଷୁଷ ପ୍ରମାଣ ଆମକୁ ତାଜୁବ କରିଦେଲା।
ସବୁ ବିଷୟରେ ଅବଗତ ଥାଇ ବି କିଛି ପଦକ୍ଷେପ ନେଲି ନାହିଁ ବୋଲି ଦିନ ସାରା କଟୁକ୍ତି ଶୁଣିବା କାହାର ବା ଇଛା ହେବ ?
ସେପର୍ଯ୍ୟନ୍ତ ଅଗାଧୁଆ ଥିବା ମୋର ଶରୀର ଠାକୁର ଘରେ ପ୍ରବେଶ ଯୋଗ୍ୟ ନଥିଲା। ପତ୍ନୀଙ୍କ ରୋଷରୁ ବଞ୍ଚିବା ପାଇଁ ମୁଁ ଚଟାପଟ୍ ଗାଧୁଆ କାମ ସାରି ଠାକୁର ଘର ପାଖରେ ଠିଆ ହେଲି।

ମୂଷା ହେଉ ବା ଅସରପା ମୋତେ ସମସ୍ତଙ୍କୁ ଡର। ଦୁହେଁ ମୋ ହିସାବରେ ଅସନା ପର୍ଯ୍ୟାୟଭୁକ୍ତ ଜୀବ। ତଥାପି ବାଡିଟିଏ ଧରି ଠାକୁର ଘରେ ପଶିଲି। କେତେ ଥର ମୋର ହୁସ ହାସ ଶବ୍ଦ ସାଙ୍ଗକୁ ବାଡ଼ିର ଠକ୍ ଠାକ୍ ଶବ୍ଦ ଶୁଣିବା ପରେ ମୂଷାଟା ବୋଧହୁଏ ଡରି ଯାଇଥିଲା। କିମ୍ବା ମୋତେ ବେଖାତିର କରି କେଉଁଠି ଗୋଟିଏ ଛକି ବସିଥିଲା। ପୁଣି ମନରେ ଆସିଲା ପତ୍ନୀ କିଛି ଭୁଲ ଦେଖି ନାହାନ୍ତି ତ ! ହେଲେ ଠାକୁର ଘର ଦୁଆର ମୁହଁରେ ସେ ବି ଉଦବିଗ୍ନ ହୋଇ ଭିତରକୁ ଚାହିଁଥିଲେ। ପ୍ରାୟ ସମୟ ବକର ବକର ହେଉଥିବା ଲୋକଟା ଯେମିତି ସ୍ଥାଣୁ ପାଲଟି ଯାଇଥିଲା।

ମୁଁ ବି କିଛି କ୍ଷଣ ଚୁପ୍ ଚାପ୍ ଠିଆ ହୋଇ ଅପେକ୍ଷା କଲି ମୂଷାର ଆବିର୍ଭାବକୁ । କାଳେ ଭୟ କଟିଗଲେ ଲୁଚିଥିବା ସ୍ଥାନରୁ ବାହାରିବ। ସତକୁ ସତ ହଠାତ୍ ମୋର ନଜରକୁ ଆସିଲା ସେଇଟା। 'ଆରେ ସତରେ...' ପାଟିରୁ ମୋର ଫିଟି ପଡିଲା ତ ପଛରୁ ଶୁଭିଲା ପତ୍ନୀଙ୍କ ସ୍ୱର-' ନା ନା ମୁଁ ତ ଖାଲି ମିଛ କୁହେ।ତୁମର ସବୁଦିନ ମୋ କଥାକୁ ଅବିଶ୍ୱାସ..!'

ସେଇ ପାଜି ଟା ବିଘ୍ନରାଜ ମହାପ୍ରଭୁଙ୍କ ଫଟୋ ତଳେ ଦିଆଯାଇଥିବା ଫୁଲ ଭିତରେ ପୁଣି ଥରେ ନିଜକୁ ଲୁଚାଇବାକୁ ଚେଷ୍ଟା କରୁଥିଲା। ଟିକିଏ ପରେ ସେଇ ଫାଙ୍କରୁ ଜୁଳୁଜୁଳୁ କରି ମୋ ଆଡକୁ ଚାହିଁଲା। ସତେ କି ନିରୀହ ଚାହାଣି ! ଯେମିତି ସେଇ ଆଖି ଦୁଇଟି କହୁଥିଲା ' ଦେଖ ମୁଁ ତୁମ ଆରାଧ ଠାକୁର ଗଣେଶଙ୍କ ବାହାନ।ମୋ ପାଇଁ କୌଣସି ମନ୍ଦବୁଦ୍ଧି ମନରେ ଆଣିବା ବି ପାପ। ମୁଁ ସମ୍ମ ?ହିତ ହୋଇ ତା ଆଡକୁ ଚାହିଁଥିଲି ।

-' ଆରେ ଚାହିଁଛ କ'ଣ ?ପିଟ ସେଇଟାକୁ।' ଗଳା ଫଟାଇ କହିଲେ ପତ୍ନୀ। ମୋର ସାମାନ୍ୟତମ ଅନ୍ୟମନସ୍କତାରେ ମଉକା ପାଇ ମୂଷାଟା ପୁଣି କୁଆଡ଼? ଅନ୍ତର୍ଦ୍ଧାନ ହୋଇଗଲା।

-' ହୁଁ.. ମୁଁ ଜାଣେ ପରା, ତୁମ ଦ୍ୱାରା ଶାଗ ଶିଝିବନି।' ପତ୍ନୀଙ୍କ ଦୁମ ଦୁମ ପାଦଶବ୍ଦ ରୋଷେଇ ଘର ପର୍ଯ୍ୟନ୍ତ ଲମ୍ବିଗଲା ବୋଲି ମୁଁ ବୁଝି ପାରିଲି।

ଟିକିଏ ପରେ ଆଘ୍ରାଣ କଲି କ୍ଷୀରର ପୋଡ଼ା ଗନ୍ଧ। ଗ୍ୟାସ ଉପରେ ବସିଥିବା ସସପେନରୁ କ୍ଷୀର ଉତୁରି ପଡ଼ି ଏତିକି ବେଳକୁ ଯାହା ଦାଉ ସାଧିବାର ଥିଲା। ଏବେ ସବୁତକ ରାଗ ମୋ ଉପରେ ଯେ ଉତୁରି ପଡିବ ମୁଁ ନିଶ୍ଚିତ ଥିଲି। ଭୁସଭାସ ଠଣଠାଣ ଶବ୍ଦ ରୋଷେଇ ଘର ଭିତରେ କିନ୍ତୁ ସୀମିତ ରହିଲା।

ମୂଷାଟି ଦୃଷ୍ଟି ଗୋଚର ହେଉଥିବା ଯାଏଁ ମୁଁ ଏକପ୍ରକାର ଧୈର୍ଯ୍ୟ ଧରିଥିଲି।କାରଣ ମୁଁ ଜାଣିଥିଲି ତା'ର ଜୀବନ ନାଟିକା ମୋ ହାତରେ ଥିଲା। କିନ୍ତୁ ସେଠୁ ସେ ଅନ୍ତର୍ଦ୍ଧାନ ହୋଇଯିବା ପରେ ମୁଁ ଖୁବ୍ ଅସହାୟ ବୋଧ କଲି। ନିଷ୍କ୍ରିୟ କ୍ରୋଧ ଆହୁରି ଭୟଙ୍କର ଭାବେ ଘାରିଲା ମୋତେ।ମୋ ଭିତରର ପ୍ରବୃତ୍ତି ପୁଣି ମୁଣ୍ଡ ଟେକିଲା।ଯେ କୌଣସି ମତେ ତାକୁ ମର୍ଦ୍ଦର କରିବି ବୋଲି ମୁଁ ଆଉଥରେ ପ୍ରତିଜ୍ଞା କଲି ।

-' ଥାଉ ସେତିକି ତୁମ ବୀର ପଣିଆ। ଶୀଘ୍ର ଆସ ସେଇଠୁ। ପଛରେ କହିବନି ମୋ ପାଇଁ ତୁମ ଅଫିସ ଡେରି ହୋଇଗଲା।'
ପତ୍ନୀଙ୍କ ସ୍ୱରରେ ମୁଁ ସଚେତନ ହେଲି।ସତେ ତ ଅଫିସ ଯିବା ସମୟ ହୋଇଯାଇଥିଲା !

ତରବର ହୋଇ ଠାକୁରଙ୍କ ଫଟୋରେ ଫୁଲ ଦେଇ ପୂଜା କାମ ସାରିଲି। ଯଦିଓ ଠାକୁର ପୂଜା କାମ ମୁଁ କେବେ କରେ ନାହିଁ, ଖାସ୍ ପତ୍ନୀଙ୍କୁ ଖୁସି କରିବା ପାଇଁ ସେଇ ମହତ୍ କାମ ମୁଁ ସାରି କବାଟ ଆଉଜେଇ ଶିକୁଳି ଦେଇଦେଲି।

ଅଫିସ ବାହାରିଲା ବେଳକୁ ଠାକୁର ଘର କବାଟ ଆଉ ନଖୋଲିବାକୁ ପତ୍ନୀ ଙ୍କୁ ଅନୁରୋଧ କଲି। ତାଙ୍କ ପାଟିରୁ କିଛି ଶବ୍ଦ ବାହାରିଲା ପୂର୍ବରୁ କହିଲି-' ଠାକୁର ଘରେ ସେଇଟା ଅଛି ତ ଥାଉ, ଯଦି ବେଡ଼ରୁମ କିମ୍ବା ପିଲାଙ୍କ ଷ୍ଟଡିରୁମ ଭିତରେ ପଶିଲା ତାହେଲେ ଗଲା।

ବେଡ଼ରୁମ ଯିବ ତ ବକ୍ସ ଖଟ ଭିତରେ କୌଣସି ଉପାୟରେ ସେ ପଶିବାକୁ ଚାହିଁବ। ତା ଭିତରେ ଦୁନିଆ ଜିନିଷ ଖୁନ୍ଦା ହୋଇଛି। କମ୍ବଳ ରେଜେଇ ଠାରୁ ଆରମ୍ଭ କରି ବେଡସିଟ ଆଉ ସାଇତି ରଖିଥିବା ଝରକା କବାଟ ମାନଙ୍କର ନୂଆ ପରଦା ସେଟ୍ ସବୁର ବାରଟା ବଜେଇଦେବ।

ଷ୍ଟଡିରୁମ ରେ ଯେଉଁ ଥାକ ଦୁଇଟି ଅଛି, ଗୋଟିଏ ରାତିରେ ସେ ବହି ସବୁକୁ କାଟି ତଛନଛ କରିଦେବ।ଯଦି ରୋଷେଇ ଘର ଭିତରେ ପଶିଲେ ତ କଥା ସରିଲା।ନାକେଦମ ହେବା ନିଶ୍ଚିତ।'

ମୋ କଥାରେ ପତ୍ନୀ ଙ୍କ ମୁହଁରେ ସାମାନ୍ୟ ସରସତା ଦେଖାଗଲା। ବୋଧହୁଏ ସେ ଭାବୁଥିଲେ ଯାହା ହେଉ ସେଇ ମୂଷା ସେତିକି ଦୁଷ୍ଟାମୀ କରିନି ଏପର୍ଯ୍ୟନ୍ତ।ମୋ ବୁଦ୍ଧିମତାକୁ ବି ମନେ ମନେ ସେ ତାରିଫ କରୁଥିବେ ବୋଲି ଭାବୁଥିଲି।

ଅଫିସ ଯିବା ବାଟରେ ହଠାତ୍ ମୋ ମନକୁ ଗୋଟିଏ କଥା ଆସିଲା। ମୂଷା ଠାକୁର ଘର ଭିତରେ ପଶିଲା ତ କେଉଁ ବାଟେ ? ତଳ ମହଲା ନୁହେଁ ଯେ ଭାବିବି କେତେବେଳେ ସୁଯୋଗ ଉଣ୍ଡି ପଶି ଆସିଥିବ।ଆମ ଘର ପାଖରେ ଗୋଟିଏ ପଙ୍କପୂର୍ଣ୍ଣ ଦଳ ଭର୍ତ୍ତି ଜଳାଶୟ ଟିଏ ଅଛି।ତାରି ଭିତରେ ମୂଷା,ସାପ ଆଦି ନିଶ୍ଚୟ ରହିଥିବେ। ଡାହୁକ ତ ଅଛନ୍ତି।ସହର ତଳି ଅଞ୍ଚଳରେ କମ୍ ପଇସାରେ ଜାଗା କିଣି ଘର କରିଛି ବୋଲି ପଶ୍ଚାତାପ କଲି। ଶସ୍ତା ରୁ ଆଜି ହିନସ୍ତା ହେବାକୁ ପଡୁଛି।

ଅଫିସରେ ବି ମୁଁ ବାରମ୍ବାର ଅନ୍ୟମନସ୍କ ରହୁଥିଲି। ଅସଲରେ ଘର ଭିତରକୁ ମୂଷାର ସମ୍ଭାବ୍ୟ ଆଗମନର ରାସ୍ତା କେଉଁଟା ହୋଇଥିବ ବୋଲି ଭାବି ହେଉଥିଲି। ପୁଣି ଦିନରେ ଆସିଥିବ ନା ରାତିରେ ? ଦିନରେ ଆସିବା ତ ସମ୍ଭବ ନୁହେଁ । ରାତିରେ ଯଦି ଆସିଥିବ ଠାକୁର ଘର କବାଟ ବନ୍ଦ ଥିବ ! ତେବେ ତା ଭିତରକୁ ପଶିଲା କେମିତି ? ମୋ ଭାବନାର ଅନ୍ତ ନଥିଲା...!

ଏବେ ସେ ତ ତେତିଶ କୋଟି ଦେବାଦେବୀଙ୍କ ଭିତରେ ଆଶ୍ରୟ ନେଇଛି। ତାକୁ ମାରିବା କ'ଣ ଏତେ ସହଜ ହେବ ?ଯଦି ବା ଠାକୁର ଘରୁ ଆପେ ବାହାରି ଯିବ ତେବେ ତା'ର ପ୍ରସ୍ଥାନ ପଥ କେଉଁଠି ?? ବିଭିନ୍ନ କଥା ମନକୁ ଆସୁଥିଲା। ସେଥିକୁ ପୁଣି ପତ୍ନୀଙ୍କ କଟୁକ୍ତି !

ମୁଁ ବାରମ୍ବାର ଅନ୍ୟମନସ୍କ ହୋଇପଡୁଥିଲି...!!!

*କୁଞ୍ଜବିହାରୀ ଲେନ, କଟକ*

*ମୋ: ୯୪୩୮୧୭୫୫୪୨*

## କୋଠରୀ

*ଆଦ୍ୟାଶା ମହାପାତ୍ର*



ତା କୋଠରୀରେ
ଭରି ରହିଥାଏ ସ୍ୱପ୍ନ
ଥାଏ ଗୋଟେ
ନୀଳାଭ ଆକାଶ
ଥାଏ ପୁଣି ସେ ଆକାଶରେ
ଜହ୍ନ ଆଉ ତାରାଙ୍କ ଅନ୍ୱିତ
ଅନନ୍ୟ ତାରକସି ସ୍ଥାପତ୍ୟ
ଶୁଭୁଥିଲା ପୁଣି
ଡେଣାଝାଡି ଉଡୁଥିବା
ପକ୍ଷୀଙ୍କ କାକଳି
ବେଳେ ବେଳେ
କୋଠରୀର ଅନ୍ଧାରକୁ
ଅଭିଶାପ ଦିଏ ସେଇ ଝିଅ
ସଂକୀର୍ଣ୍ଣତାର ପରିଧିରୁ
ମୁକ୍ତି ନ ମିଳିବାର
ଅବସୋସରେ
ଫିଟି ଯିବାକୁ ବ୍ୟବସ୍ଥିତ ବନ୍ଧନରୁ
ଧରାବନ୍ଧା ନୀତିନିୟମରୁ
ଆଖିରେ ଦର୍ଶାଏ
ନୀରବ ପ୍ରତିବାଦ
ଲୋଡୁଥାଏ ମୁଠାଏ ମୁକୁଳା ଆକାଶ
ଖୋଜୁଥାଏ ଅନୁକୂଳ ସୁଅ
ପବନର ପ୍ରବହମାନତା
ହଳେ ପରଲଗା ଡେଣା
ଉନ୍ମୁକ୍ତ ମାନସିକତା...!!!

*ନୂଆପଡା, କଟକ*

## ସେଦିନ ସକାଳେ

*ନିରଞ୍ଜନ ସାହୁ*



ସେଦିନ ସକାଳେ ସାଙ୍ଗ କହୁଥିଲା
ତୁମ ଭଲମନ୍ଦ କଥା
ସେ ଖବର ଶୁଣି ଗର୍ବରେ ମୋହରି
ଉଚ୍ଚ ହେଉଥିଲା ମଥା ।
ତୁମେ ତ ଏଇନେ ପାଞ୍ଚ ଜଣକରେ
କରିଅଛ ଭଲ ନାଆଁ
ସେଥିପାଇଁ କାଲେ ଗରବ କରିବ
ଆମ ଜନ୍ମଭୂମି ଗାଆଁ
ବୁଝି ପାରୁଥିଲି ତୁମରି ନାଆଁର
ଟେକ ରଖିଅଛ ଯଥା ।
ସତରେ ଏମିତି କାମ କରିବାକୁ
ବୁଦ୍ଧି କିଏ ଆଣିଦେଲା
ତୁମକୁ ତ ଯେଉଁ ଗୌରବ ମିଳିଲା
କେତେ ଭାଗ ସିଏ ନେଲା
ସେଥିପାଇଁ ବୋଧେ
ଲୋକେ କହୁଛନ୍ତି
କଥାରେ ଲଗାଇ ନଥା ।
ଏମିତି କାମରେ ଆଗେଇ ଚାଲିଲେ
ତୁମ ଜନ୍ମ ଧନ୍ୟ ହେବ
ଭାବିବ ଶେଷରେ
କେତେ ଦେଇଅଛ
କେତେ ପୁଣି ସାଥେ ନେବ
ହିସାବ କରିଲେ ନିଶ୍ଚ ? ଜାଣିଦେବ
ଯଥାର କେମିତି ନଥା ।

*ନିହଲ ପ୍ରସାଦ , ଗଁଦିଆ ପାଟଣା*

*ଢେଙ୍କାନାଳ*

## ଅଙ୍ଗାର

*ରତ୍ନକାନ୍ତି ମିଶ୍ର*



ସେ ଯଦି ଆଗରୁ ଜାଣିଥାନ୍ତା
କେବେ ଜଳିନଥାନ୍ତା
ଅଙ୍ଗାର ହେବାଯାଏ

ତା ଆଖପାଖରେ ଥିବା ମଣିଷ ଗୁଡାକ
ନିଇତି ତାକୁ ଛାଡି ଦେଉଥିଲେ
ଦିକ ଦିକ ଆଞ୍ଚରେ ସିଝିବାକୁ
ସବୁକିଛି ବୁଝିପାରୁଥିବା ମଣିଷ
କାହାକୁ ବୁଝାଇ ପାରୁନଥିଲା
ତା'ର ଆଭିମୁଖ୍ୟ

ତା'ର କିଛି କହିବାର ସାମର୍ଥ୍ୟ
ନଥିଲା
ତା ନୁହେଁ
ହେଲେ ନୀରବତା କୁ
ଅତି ଆପଣାର ଭାବି
ତା ସହିତ ବନ୍ଧୁତା କରିଥିଲା ସେ

ଜଣେ ଅଙ୍ଗାର ହେବାପରେ
ଆଉ କ'ଣ କାହା ସହ
ସାଲିସ କରିବାକୁ ବାକି ଥାଏ ?
ଅଙ୍ଗାଳର କି ଆବେଗ ଥାଏ ?
ଜଳି ଜଳି ଯେ ଅଙ୍ଗାର
ପାର କରି ସାରିଛି ସେ
ସ୍ୱାଭିମାନର ପରିସୀମା...!!!

*ଆଳି, କେନ୍ଦ୍ରାପଡା*

## ମଣିଷ

*ସୁଧାକର ରାଉତ*



ବଞ୍ଚିବାର ମାଧମଟା
ନୁହେଁ ଖାଲି ହେବାକୁ
ସ୍ୱପ୍ନାଶାୟୀ ।
ଅଧଃ ର ଆକର୍ଷଣ
ଉର୍ଦ୍ଧ୍ୱ ପ୍ରତି ବିମୁଖତା
କରିଦିଏ ବକ୍ଷ କର୍ଦ୍ଦମାକ୍ତ ।
ଅକାଳରେ ଘୂର୍ଣ୍ଣିଝଡ
କରିଦିଏ ମୋହେ କରେ
ନିଶାଗ୍ରସ୍ତ ।
ଜୀବନ ନଈ ଟା ବହିଯାଏ
ହରାଇ ତା କୁଳୁକୁଳୁ ନାଦ ।
ପୂର୍ଣ୍ଣଗଭା ହୋଇ ଖାଏ
ଦୁଇକୂଳ କରି ସୃଷ୍ଟି
କେତେ ଯେ ବିଷାଦ
ଅସହ୍ୟ ହୁଏ ଦୁଃଖବୋଧ ।
ସୁନୀଳ ଆକାଶର ଦେହ
ଚିର ଇପ୍ସିତ ହୋଇ
ବୁହାଏ ଅନିର୍ବଚନୀୟ କୋହ ।

*ପ୍ରତାପ ନଗରୀ, କଟକ*

*ମୋ - ୮୨୪୯୯୩୨୭୯୨*

## କାଳି ପାଉଁଶି



ସୁଚରିତା ମହାନ୍ତି

ଯା' ବାଳଗୁଡ଼ା କାଟିଦେଇ ଆସିବୁ।
ଶନିଆକୁ କହିବୁ ପଛରେ ବୋଉ ପଇସା ଦେବ ।
ନୁଖୁରା ମୁଣ୍ଡକୁ ବୋଝେ ଝାମ୍ପୁଡ଼ା ବାଳ ଧରି ବୁଲୁଚି।ତେଲ ଟିକେ ଲଗେଇ କୁଣ୍ଡେଇବ କି କ'ଣ ତା ନାହିଁ। ସବୁବେଳେ ଏମିତି ବୁଲୁଛୁ
ତୋତେ ଅସନା ଲାଗୁନି। ଏଡୁଟିଏ ହେଲୁଣି କେଜାଣି ତ ମୁଣ୍ଡରେ କେବେ ବୁଦ୍ଧି ପଶିବ।
ରାଧା ସବୁଦିନ ଏମିତି ସକାଳୁ ଉଠି ରାଉ ରାଉ ହୁଏ।ଏଥିରେ କିଛି ନୂଆ କଥା ନଥାଏ।
ଧେତ୍ ଦେହ ସୁହା ହୋଇଗଲାଣି।
ଟିମା ଯେମିତି ସବୁଦିନ ବିଛଣା ଛାଡ଼ିବା ପରେ କରେ ସେଦିନ ବି ସେମିତି ଉଠିପଡ଼ି ଦାନ୍ତକାଠି ଟା ପାଟିରେ ଗେଞ୍ଜିଦେଇ,ସାଇକେଲ୍ ମାଡ଼ି ଚାଲିଲା ନଦୀ କୂଳ ଆଡ଼ ?।
ଗାଁ ଟା ଯାକର ବୁଢ଼ା ଟୋକା ସେଇ ଗୋଟିଏ ଯାଗାରେ ରୁଣ୍ଡ। ଗାଁ ମାଇପିଙ୍କ ଭଳି କେତେ କଥା ହେଁ ହେଁ ଫେଁ ଫେଁ ।ପୁଣି ଯିଏ ଯାହାର ଗାଧୁଆ ପାଧୁଆ ସାରି ଘରକୁ ଫେରିଯାଆନ୍ତି।
ଯାହାର ନଦୀମାଛ ନେବାକୁ ଇଛା ଥାଏ ସେମାନେ ସେଇ ଘାଟ କୂଳରେ ଜଗି ବସି ରହନ୍ତି।ମାଛଧରାଳି ଆସିଲେ ତାଙ୍କ ପାଖରୁ ମାଛ ନେଇ ଘରକୁ ଫେରନ୍ତି।
ସେଦିନ ଟିମାର ନଦୀ ମାଛ ନେଇ ଘରକୁ ଯିବାକୁ ଭାରି ଇଛା ଥାଏ।
ପୁଣି ଭାବିଲା ପଇସାତ ଆଣିନି ମାଛ କେମିତି ନେବି । ଘରକୁ ଯାଏ। ବୋଉକୁ କହି ମାଛ ଥଳି ଆଉ ପଇସା ନେଇ ଆସିବି ।
ଟିମା ସାଇକେଲ ଜୋରେ ମାଡ଼ି ଘରେ ପହଞ୍ଚିଗଲା ।
ସାଇକେଲକୁ ରଖି ତରବର ହୋଇ କହିଲା,ବୋଉ ଲ ବୋଉ,ମାଛ ଥଳି ଆଉ ପଇସା ଦେଲୁ ମୁଁ ନଦୀକୂଳକୁ ଯିବି ମାଛ ଆଣିବି ।
ଜଲଦି ଦେଲୁ ।ମାଛଧରି ସେମାନେ ଆସିଯିବେ।
ରାଧା ମାଛ ଥଳି ଆଉ କିଛି ପଇସା ଟିମା ହାତକୁ ବଢେଇ ଦେଇ କହିଲା,ଯା' ସଅଳ ଆସିବୁ ।
ଟିମା କହିଲା, ହଁ ଲ ବୋଉ।ହେଇ ଗଲି ଆଉ ଆଇଲି।
ଟିମା ଅଣ୍ଟାରେ ପଇସା ଗୁଞ୍ଜି ଦେଇ ସାଇକେଲ ଧରି ସିଧା ଚାଲିଲା ନଦୀ ମୁହାଁ ।
ଘଡ଼ିଏ ଗଲା ଦୁଇ ଘଡ଼ି ଗଲା ଟିମା ଆଉ ଘରକୁ
ଫେରିଲାନି ।
ରାଧା ଥରକୁ ଥର ଆସି ରାସ୍ତାକୁ ଦେଖେ,ପଚାରେ ଟିମା ଆଇଲୁ କି । କିଛି ଉତ୍ତର ନପାଇ ଘର ଭିତରକୁ ଯାଏ ।ଏମିତି ଚାହିଁ ଚାହିଁ ବେଳ ଉଛୁର ହେଉଥାଏ।ରାଧା ଗଲା ଆଇଲା ଲୋକମାନଙ୍କୁ ଟିମାକୁ କେହି ଦେଖିଛ କି ବୋଲି ପଚାରୁଥାଏ ।
ପୁଣି ଆସି ପିଣ୍ଡା ଓଳିରେ ଥିବା କେଉଁ ଅମଳର କାଠ ଖୁଣ୍ଟକୁ ଆଉଜେଇ ଦୀର୍ଘ ଶ୍ୱାସ ଛାଡ଼ି ବସିପଡ଼ ?।
ଏମିତି ଚାହିଁ ଚାହିଁ ରାଧା ଚାଲିଲା ନଦୀ ଆଡ଼ ? ।ଟିମା ଟିମା ବୋଲି ଜୋରେ ଡାକ ପକେଇ ଚାଲିଥାଏ। ବାଟରେ ଯାହାକୁ ଦେଖୁଥାଏ ତାକୁ ଟିମାକୁ ଦେଖିଛ କି ବୋଲି ପଚାରୁଥାଏ।
ହେଲେ ଟିମା ଗଲା କୁଆଡ଼ ? ।ରାଧା ପୁଅ ପାଇଁ ଛାନିଆ ହେଉଥାଏ।
ବୁଦ୍ଧିଶୁଦ୍ଧି ଟିକେ କମ ।ତା'କୁ ଯିଏ ଯାହା କହିଲେ,ସେ ତାଙ୍କ କଥା ମାନି ଯାଏ।
ରାଧା ଯାଇ ନଦୀକୂଳରେ ପହଞ୍ଚି ଦେଖେ ତ ଟିମା ବନ୍ଧ ଉପରେ ବସିଚି। ରାଧା ଯାଇ ତା' ପାଖରେ ପହଞ୍ଚିଲାଣି ଏକଥା ଟିମାକୁ ଜଣାନାହିଁ।ସେମିତି ନଦୀ ଆଡ଼କୁ ଅନେଇ ରହିଛି ।ଟିମାକୁ ଦେଖି ରାଧା ଟିକେ ଆଶ୍ୱସ୍ତି ହେଲା ।
ରାଧା ମନେମନେ ଅନେକ କିଛି ଭାବିଯାଇଥିଲା ।ବାପଛେଉଣ୍ଡ ପିଲାଟା ।ଆଗକୁ କେହି ନାହିଁ କି ପଛକୁ କେହି ନାହିଁ।ଟିମା ଯାହା ବି ହେଉ ତାକୁ ଇ ନେଇ ତା'ର ସଂସାର।
ରାଧା ପଚାରିଲା କିରେ ଟିମା ମାଛ କାହିଁ ।ଏଠି ଏମିତି ବସିଛୁ କାହିଁକି।
ଟିମା କହିଲା,ବୋଉ ଲ ମୁଁ କି ମାଛ ନେବି ଜାଣି ପାରିଲିନି।ସମସ୍ତେ ମାଛ ନେଇଗଲେ।ମୋ ବେଳକୁ ଆଉ ମାଛ ନଥିଲା ସବୁ ସରିଗଲା। ମାଛ ଗୁଡ଼ିକ ଏକାପରି କାହିଁକି ନୁହନ୍ତି। ସବୁ ଅଲଗା ଅଲଗା।ମୁଁ କିଛି ଜାଣିପାରିଲିନି।
ମାଛବାଲା ମଉସା କହିଲେ,ଟିମା ତୁ ଏଇଠି ବସିଥା ମୁଁ ପୁଣି ମାଛ ଧରି ଆଣିଲେ ତ ପସନ୍ଦର ମାଛ ନେଇ ଘରକୁ ଯିବୁ ।
ସେଥିପାଇଁ ମୁଁ ବସିଛି। ଦେଖୁନୁ ବୋଉ,ମୁଁ ଅଣ୍ଟିରେ ପଇସା ରଖିଚି ଆଉ ମାଛଥଳି ବି ଧରିଚି।
ବୋଉ ତୁ ଘରକୁ ଯା' ମୁଁ ମାଛ ନେଇ ଘରକୁ ଯିବି ।
ହଁ ବୋଉ ଆଉଥରେ କହିଲୁ ତୋତେ କେଉଁ ମାଛ ଭଲ ଲାଗେ।ମୁଁ ତାଙ୍କ ପାଖରୁ ସେଇ ମାଛ ରଖିବି ।
ଆଜି ସେଇ ମାଛର ନାଁ ଟା ଭୁଲି ଗଲି ।ମାଛବାଲା ମଉସା ଯେତେ ପଚାରିଲେ କହିପାରିଲିନି । ଅନ୍ୟମାନେ ହସିଲେ। ମୋତେ ଲାଜ ଲାଗିଲା।କହିଲୁ ବୋଉ କହିଲୁ ସେ ମାଛଟା କ'ଣ ତ ।
ରାଧା କହିଲା, ସେ ମାଛର ନାଁ କାଳି ପାଉଁଶି ।
ହଁ ହଁ କାଳି ପାଉଁଶି ।ଆଉ ଭୁଲିବିନି।
ରାଧା ଟିମାର ମୁଣ୍ଡକୁ ଆଉଁସି ତା' ଦେହକୁ ଲୁଗା କାନିରେ ପୋଛାପୋଛି କରି କହିଲା,ଚାଲ୍ ଘରକୁ ଯିବା । ଆଜି ଆଉ ମାଛ ଦରକାର ନାହିଁ।ଝାଳମାଳ ହୋଇ ଗଲୁଣି।
କାଲି ମୁଁ ତ ସାଙ୍ଗରେ ଆସିବି,ମାଛ ବାଛିଦେବି ।ଆଜି ବେଳ ବୁଡ଼ିଲାଣି ଖାଇବା ଚାଲ୍।
ଟିମା କହିଲା,ସତରେ ବୋଉ ତୁ କାଲି ମୋ ସାଙ୍ଗରେ ଆସି ମାଛ କିଣି ଦେବୁ ।
ରାଧା କହୁଥାଏ ହଁ ହଁ କାଲି ମାଛ ନେବା ।
ଚାଲ୍ ଘରକୁ ଯିବା ।ଭାରି ଭୋକ ହେଲାଣି।
କେମିତିକା ପିଲାଟା ଯେ,ମାଛନେବ ବୋଲି ଭୋକ ଉପାସରେ ଜଗି ବସିଚି ।
ହେ ଭଗବାନ! ମୋ ପିଲାଟାକୁ ଟିକେ ବୁଦ୍ଧି ଶୁଦ୍ଧି ଦିଅ ।
ଟିମାର ହାତଧରି ରାଧା ତା' ସାଇକେଲ ପାଖକୁ ଆସି କହିଲା ଯା' ଘରକୁ।ମୁଁ ତ ପଛେ ଯାଉଚି।
ଟିମା ଜିଦି କରି କହିଲା, ବୋଉ ଲ ତୁ ସାଇକେଲରେ ବସ ମୁଁ ତତେ ନେଇଯିବି।
ରାଧା ସାଇକେଲରେ ବସିଲା ଟିମା ଜୋରେ ସାଇକେଲ ଚଲାଇଲା। ରାଧା ପାଟିକରି କହୁଥାଏ ଆରେ ଧୀରେ ଚଲା ମୁଁ ପଡ଼ି ଯିବି ।
ଟିମା ହସିହସି କହୁଥାଏ ବୋଉ ଲ ମୋତେ ଜାବୁଡ଼ି ଧରି ବସ ଜମା ପଡ଼ିବୁନି ।

*ବାରିପଦା,ମୟୂରଭଞ୍ଜ*

*ମୋ : ୮୯୧୭୫୬୭୧୨୦୨*

## ଭିନ୍ନ ଏକ ଗାଁ ରାମପଡା

**ପ୍ରତିଭା ଚୌଧୁରୀ**

ଗାଁ ଟିର ନାମ ରାମପଡ଼ା। ରାମପଡ଼ା ଏକ ଛୋଟ ମଫସଲିଆ ଗାଁ। ସେଇ ଗାଁ ର ଚାରିପଟେ ଏକ ବଡ ଆଡି ବନ୍ଦ ଥାଏ। ସେହି ଗାଁ ର ପଛ ପଟେ ଏକ ବଡ ଜଙ୍ଗଲ ଥିଲା। ସେହି ଜଙ୍ଗଲରେ ବହୁତ ପଶୁପକ୍ଷୀ, ଜୀବଜନ୍ତୁ ଥିଲେ। ସେଇ ପଶୁପକ୍ଷୀ ଦାଉ ରୁ ଗାଁ କୁ ଆସି ଗାଁ ର ଘର ଦ୍ୱାର, ବାଡ଼ି ବଗିଚା ଫସଲ ସୁରକ୍ଷା ଦେଇ ଥାଏ। ସେହି ଗାଁ ର ଲୋକମାନେ ବହୁତ ସରଳ ଓ ନିରୀହ ଥିଲେ। ସେହି ଗାଁ ବିଭିନ୍ନ ପ୍ରକାର ବୃକ୍ଷ ଲତା, ଫଳଫୁଲ ଘେରା ହୋଇଥିବାରୁ ପ୍ରାକୃତିକ ସୌନ୍ଦର୍ଯ୍ୟ ରେ ପରିପୂର୍ଣ୍ଣ ଥିଲା। ସେହି ଗାଁ ସହର ଠାରୁ ପୁରାପୁରି ବିପରୀତ ଥିଲା। ସେହି ଗାଁର ଲୋକେ, ମୋବାଇଲ ଫୋନ, ଟେଲିଫୋନ, ଟେଲିଭିଜନ ଇତ୍ୟାଦି ଆଧୁନିକ ଜିନିଷର ବ୍ୟବହାର ଜାଣି ନ ଥିଲେ। ସେମାନେ ନିଜ ତିଆରି ଜିନିଷ ପତ୍ର ର ବ୍ୟବହାର କରୁଥିଲେ। ନିଜେ କପଡ଼ା ବୁଣି, ମାଟି ପାତ୍ର ତିଆରି କରି, କାଠ ତିଆରି ଜିନିଷ ସବୁ ବ୍ୟବହାର କରୁଥିଲେ। ସିମେଣ୍ଟ ତିଆରି ପକ୍କା ଘର ବଦଳରେ ଇଟା,ବାଉଁଶ, କାଠ ତିଆରି ଘର , ଆଲୁମିନିୟମ ଜିନିଷ ବଦଳରେ ମାଟି,ଚିନା ମାଟି ଜିନିଷ ବ୍ୟବହାର କରୁଥିଲେ। ରୋଗ ଆରୋଗ୍ୟ ପାଇଁ ଏଲୋପାଥି ଔଷଧ ବଦଳରେ ଆୟୁର୍ବ ?ଦିକ ଔଷଧ ବ୍ୟବହାର କରୁ ଥିଲେ।ଏମିତି ହିଁ ଗାଁ ଟିଏ ଅନ୍ୟ ଗାଁ ଠାରୁ ଭିନ୍ନ ଥିଲା । ଏଇ ଗାଁ ରେ ଲୋକେ ଏମିତି ହିଁ ଖୁସି ରେ ରହୁଥିଲେ । ଗୋଟିଏ ଦିନ ସକାଳେ କିଛି ଲୋକ ମିଶି ଏକ ଚା ଦୋକାନକୁ ଚା ପିଇବାକୁ ଗଲେ ସେ ଦୋକାନରେ ଏକ ରେଡ଼ିଓ ଥିଲା । ସେ ରେଡ଼ିଓ ରେ ପ୍ରତିଦିନ ସକାଳେ ପାଣିପାଗ ର ଖବର ଆସେ । ସେଦିନ ଲୋକମାନେ ସେ ରେଡ଼ିଓ ରେ ଶୁଣିଲେ ଆସନ୍ତାକାଲି ଠାରୁ ତିନିଦିନ ଧରି ବହୁତ ବର୍ଷା ଓ ଝଡ଼ ତୋଫାନ ହେବ। ତାହା ଶୁଣି ସେ ଲୋକମାନେ ଗାଁ ର ସମସ୍ତ ଙ୍କୁ ସେ ଖବର କହିଲେ। ତାହା ଶୁଣି ଗାର ସମସ୍ତେ ଚିନ୍ତିତ ହେଲେ। ଲୋକମାନେ ଗାଁ ର ରାସନ ଦୋକାନକୁ ଯାଇ ବିଭିନ୍ନ ଖାଦ୍ୟ ପଦାର୍ଥ କିଣିଲେ । କାରଣ ବର୍ଷା,ଝଡ଼ ତୋଫାନ ଯୋଗୁଁ ରୋଷେଇ କରିହେବ ନାହିଁ । ଆର ଦିନ ବହୁତ ଝଡ଼ ତୋଫାନ ବର୍ଷା ହେଲା । ସେ ଦିନ ଠାରୁ ତିନିଦିନ ବହୁତ ବର୍ଷା ହେଲା ରାସ୍ତା ରେ ଆଣ୍ଠୁ ପର୍ଯ୍ୟନ୍ତ ପାଣି ରହି ଥିଲା । ଲୋକମାନଙ୍କ ଘରେ ମଧ୍ୟ ପାଣି ରହିଥିଲା । କିନ୍ତୁ ଘରରେ ଟିକିଏ କମ ସେଥି ପାଇଁ ଲୋକ ରହି ପାରୁଥିଲେ । ସେ ଗାଁ ର ଲୋକ ବହୁତ ଚିନ୍ତାରେ ଥିଲେ । ସେ ଗାଁ ର ଏକ ପିଲା କହିଲା, ଆମ ଗାଁର ସେ ବଡ଼ ପୋଖରୀ ପୁରାପୁରି ଶୁଖିଲା ଅଛି । ସେଥିରେ ଆମ ସମସ୍ତଙ୍କର ମୋଟର ଚଲାଇଲେ ରାସ୍ତା ଓ ଘରେ ଥିବା ପାଣି ସେ ପୋଖରିକୁ ଚାଲିଯିବ। ସେ ପିଲା ର କଥା ରେ ସମସ୍ତେ ଖୁସୀ ହେଲେ ଓ ତାହା ହିଁ କଲେ । ସେହି କାମ କରିଲା ପରେ ସେଇ ଗାଁ ରେ ଥିବା ସମସ୍ତ ପାଣି ପାଖରୀରେ ଥିଲା କିନ୍ତୁ ସେଇ ଗାଁ ର ଗଛ ଗୁଡିକ ଭାଙ୍ଗି ଯାଇଥିଲା । କିନ୍ତୁ ଗଛ ଗୁଡିକ କମ ଭାଙ୍ଗି ଥିବା ଯୋଗୁଁ କିଛି ପିଲା କହିଲେ। ଆମକୁ ଏଇ ଗଛ ଗୁଡିକ ଏକାଠି କରି ସେଠାରେ ଆଉ ଗଛ ଲଗାଇବା । ଏଇ କଥାରେ ସମସ୍ତେ ରାଜି ହେଲେ ଓ କିଛି ଦିନ ପରେ ଗଛ ରୋପଣ କଲେ । ଗଛ ଚାରା ଗୁଡିକୁ ସୁନ୍ଦର ଭାବରେ ସଜାଇ ରୋପିଲେ। ସେହି ଦିନ ଠାରୁ ରେଡ଼ିଓ ରେ ଯେଉଁ ଯେଉଁ ଖବର ଶୁଣିଲେ ସେ ସେଥିପ୍ରତି ସତର୍କ ହୁଅନ୍ତି।

*ଅଷ୍ଟମ ଶ୍ରେଣୀ ଛାତ୍ରୀ*

*ଶ୍ରୀ ଶ୍ରୀ ଜ୍ଞାନ ମନ୍ଦିର, ଲିମସେର*

*ଗୋଲାମୁଣ୍ଡା, କଳାହାଣ୍ଡି।*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Sunday July 27 | ଭୁବନେଶ୍ୱର ରବିବାର, ୨୭, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## ଏସିଆ କପ: ସେପ୍ଟେମ୍ବର ୧୪ରେ ଭାରତ-ପାକିସ୍ତାନ ଟକ୍କର

ଭୁବନେଶ୍ୱର,(ପି.ଏନ): ଆସନ୍ତା ସେପ୍ଟେମ୍ବର ୧୧ରେ ଏସିଆ କପରେ ମୁହାଁମୁହିଁ ହେବେ ଭାରତ ଓ ପାକିସ୍ତାନ। ଏସିଆ କପ ସେପ୍ଟେମ୍ବର ୯ରୁ ଆରମ୍ଭ ହେଉଥିବା ବେଳେ ୧୪ ତାରିଖ(ରବିବାର)ରେ ଖେଳାଯିବ ଟୁର୍ଣ୍ଣାମେଣ୍ଟର ସବୁଠାରୁ ବଡ ମୁକାବିଲା। ଏହି ମ୍ୟାଚ୍‌ରେ ଭାରତ ଓ ପାକିସ୍ତାନ ଲଢ଼େଇ ଦେଖିବାକୁ ମିଳିବ।ଆଇସିସି ଚାମ୍ପିୟନ୍ସ ଟ୍ରଫି ପରେ ଦୁଇ ଦେଶ ପରସ୍ପର ବିରୋଧରେ ମ୍ୟାଚ୍ ଖେଳିବାକୁ ଯାଉଛନ୍ତି। ସେହିପରି ପହଲଗାମ ନରସଂହାର ଓ ଅପରେସନ ସିନ୍ଦୂର ପରେ ଭାରତ-ପାକିସ୍ତାନ କୌଣସି କ୍ରିକେଟ ମ୍ୟାଚ୍ ଖେଳିବେ।



## ଗୋପ ବ୍ଲକ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ବୈଠକ, ନ୍ୟାର୍ଯ୍ୟ ଦାବି ହାସଲ ପାଇଁ ସଂଘର ଆନ୍ଦୋଳନ ପାଇଁ ନିଷ୍ପତ୍ତି

କୋଣାର୍କ , (ପି,ଏନ )ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସଂଘ ଆହ୍ୱାନ କ୍ରମେ କୋଣାର୍କ ନିକଟସ୍ଥ ସୋରଭା ଗ୍ରାମପଞ୍ଚାୟତର ଅଗ୍ରଣୀ ଶିକ୍ଷାନୁଷ୍ଠାନ ନାରାୟଣୀ ବିଦ୍ୟାପୀଠ ଠାରେ ଗୋପ ବ୍ଲକ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋପ ବ୍ଲକ ଓଷ୍ଟାର ସଭାପତି ମହେନ୍ଦ୍ର କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଷ୍ଟାର ଜିଲ୍ଲା ସଂପାଦକ ବିଭୂଦତ୍ତ ନାୟକ, ଗୋପ ବ୍ଲକ ସଂପାଦକ ରାମକୃଷ୍ଣ ମହାନ୍ତି, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରକାଶ କୁମାର ଜେନା, କାକଟପୁର ବ୍ଲକ ଗୋପାଳ କୃଷ୍ଣ ବାରିକ, ଗୋପ ବ୍ଲକର ପ୍ରାକ୍ତନ ସଂପାଦକ କୃପାସିନ୍ଧୁ ବିଶ୍ୱାଳ, ପ୍ରାକ୍ତନ ସଭାପତି ଅର୍ଜୁନ ଚରଣ ବେହେରା, ଗୋପ ବ୍ଲକ କାର୍ଯ୍ୟକାରୀ ସଭାପତି କଳ୍ପନା ସାହୁ, ଉପସଭାପତି ମକର ଧ୍ୱଜ ବେହେରା ଓ ରମାକାନ୍ତ ସେଠୀ ପ୍ରମୁଖ ଯୋଗଦେଇଥିଲେ। ସରକାରଙ୍କ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ଶିକ୍ଷକ କର୍ମଚାରୀ ସଂଘର ନ୍ୟାର୍ଯ୍ୟ ଦାବି ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ବାରମ୍ବାର ଅବଗତ କରାଯାଇଥିଲା ବେଳେ ସମାସ୍ୟାର ସମାଧାନ ଦିଗରେ ଅହେତୁକ ବିଳମ୍ବ କରୁଛନ୍ତି ବୋଲି ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଏହି ଦାବି ମାନଙ୍କ ମଧ୍ୟରେ ୧୯୪ ବିଦ୍ୟାଳୟ ପାଇଁ ଅନୁଦାନ ବ୍ୟବସ୍ଥା, ଅବସର ଗ୍ରହଣ କରିଥିବା ଶିକ୍ଷକ କର୍ମଚାରୀ ମାନଙ୍କୁ ପେନସନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କୁ ଗୁହାରି କରାଯାଇଥିଲା ବେଳେ ସରକାର ଏଥିପ୍ରତି ବୈମାତୃକ ମନୋଭାବ ପୋଷଣ ଯୋଗୁଁ ଏହି ଦାବି ପୂରଣ ହୋଇ ପାରୁ ନାହିଁ ବୋଲି ଶିକ୍ଷକ କର୍ମଚାରୀ ସଂଘର କର୍ମକର୍ତ୍ତା ମାନେ ମତବ୍ୟକ୍ତ କରିଛନ୍ତି। ଦାବି ପୂରଣ ନ ହେଲେ ଆସନ୍ତା ୨୭ ତାରିଖରେ ସଂଘର ଜିଲ୍ଲାସ୍ତରୀୟ କନଭେନସନ, ଅଗଷ୍ଟ ତାରିଖରେ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ, ଅଗଷ୍ଟ ୮ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଧାରଣା ଓ ପ୍ରତିବାଦ ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଆଇନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ଦାବି ପତ୍ର ପ୍ରଦାନ କରାଯିବ ବୋଲି ଗୋପ ବ୍ଲକ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ସଭାପତି ମହେନ୍ଦ୍ର କୁମାର ପାଢୀ ଓ ସଂପାଦକ ରାମକୃଷ୍ଣ ମହାନ୍ତି ପ୍ରମୁଖ ପ୍ରକାଶ କରିଛନ୍ତି। ଆସନ୍ତା ଅଗଷ୍ଟ ୧୬ ତାରିଖ ଦିନ ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ବିଧାନସଭା ଘେରାଉ ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଏହାକୁ ଗୋପ ବ୍ଲକ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ପୂର୍ଣ୍ଣ ସମର୍ଥନ ଦିଆଯିବ ବୋଲି ଆଜିକାର ବୈଠକରେ ପ୍ରସ୍ତାବ ଗୃହିତ ହୋଇଥିଲା।

## ସମାଜର ବ୍ୟବସ୍ଥା ଉପରେ କୁଠାରଘାତ: ସ୍କୁଲରେ ପଢ଼ିବାକୁ ବହି କିଣିବା ପାଇଁ ୧୫ ବର୍ଷର ନାବାଳକକୁ କରିବାକୁ ପଡୁଛି କାମ

ଭୁବନେଶ୍ୱର,(ପି.ଏନ): ଓଡିଶାର ବ୍ରହ୍ମପୁରର ୧୫ ବର୍ଷୀୟ ଅରବିନ୍ଦ (ନାମ ପରିବର୍ତ୍ତନ) ଯେତେବେଳେ ଭଲ ନମ୍ବର ରଖି ନବମ ଶ୍ରେଣୀ ପାସ୍ କଲେ, ତାକୁ ଲାଗିଲା ଯେ ସେ କଲେଜର ନିକଟତର ହେଉଛି ଏବଂ ଶେଷରେ ଏକ ଭଲ ଦରମା ପ୍ରାପ୍ତ ଚାକିରି ପାଇବାକୁ ଯାଉଛି। ଏହା ଏକ ଛୋଟ ପଦକ୍ଷେପ ଥିଲା, କିନ୍ତୁ ଶ୍ରମ ଓ ଦାରିଦ୍ର୍ୟର ଅନ୍ତରାଳ ଚକ୍ରକୁ ଭାଙ୍ଗିବାପାଇଁ କଠିନ ଲଢ଼େଇରେ ଏକ ସମ୍ମାନଜନକ ଜୀବନର ସ୍ୱପ୍ନ ମଧ୍ୟ ଏକ ମାଇଲଖୁଣ୍ଟ ଥିଲା। ଅରବିନ୍ଦଙ୍କ ପାଇଁ ଶିକ୍ଷା କେବଳ ଅଭିଳାଷ ନଥିଲା। ଦାରିଦ୍ର୍ୟ ସହିତ ଆସୁଥିବା ଅଭାବ ଏବଂ ଅପମାନରୁ ଏହା ଥିଲା ତାଙ୍କର ଏକମାତ୍ରମୁକ୍ତି । ସେ ଶୀଘ୍ର ଘରକୁ ଯାଇ ବାପାମାଆଙ୍କୁ କହିବାକୁ ଚାହୁଁଥିଲା। କିନ୍ତୁ ଅଭିଜ୍ଞତା ତାଙ୍କୁ ଶିଖାଇଥିଲା ଯେ ରାତିରେ କହିବା ଭଲ ହୋଇଥାଏ, ଯେତେବେଳେ ତାଙ୍କ ପିତାମାତା ଭୋଜନ ସାରି ବିଶ୍ରାମ କରନ୍ତି ଏବଂ ତାଙ୍କ କାନ୍ଧରୁ ବୋଝର ଚିନ୍ତା କମିଯାଏସେତେବେଳେ ଘରେ ଶାନ୍ତି ମଧ୍ୟ ରହିଥାଏ।କିନ୍ତୁ ସବୁକିଛି ଯୋଜନା ଅନୁଯାୟୀ ହୋଇନଥିଲା। ଯେତେବେଳେ ଅରବିନ୍ଦ ତାଙ୍କ ମାର୍କ ବିଷୟରେ ତାଙ୍କ ପିତାମାତାଙ୍କୁ କହିଲେ, ସେମାନେ ଖୁସି ଦେଖାଯାଇ ନଥିଲେ। ସେମାନେ ଆଶ୍ୱସ୍ତ ମଧ୍ୟ ଦେଖାଯାଉ ନଥିଲେ। ସେମାନେଚିନ୍ତିତ ଏବଂ ଦୁଃଖି ଦେଖାଯାଉଥିଲେ। । "ଭଲ ମାର୍କ ପାଇଛ ଏହା ଭଲ କଥା। କିନ୍ତୁ ତୁମେ ତୁମର ପାଠପଢ଼ା ଜାରି ରଖିପାରିବ ନାହିଁ। ତୁମର ଆଡମିଶନ କିମ୍ବା ତୁମର ପୁସ୍ତକ ପାଇଁ ଆମ ପାଖରେ ଟଙ୍କା ନାହିଁ। ଓକ୍ତଙ୍କକ୍ଷ୍ମ;ଆଉ ମୋତେ କ୍ଷେତରେତୁମର ସାହାଯ୍ୟ ଦରକାର। ପୁସ୍ତକ ତୁମର ଭାଗ୍ୟ ପାଇଁ ତୁମକୁ ପ୍ରସ୍ତୁତ କରିବ ନାହିଁ," ଥାଳିରୁ ଶେଷ ଭାତ ମୁଠା ଖାଇଲା ବେଳେ ବାପା କହିଲେ, ନିଜ ପୁଅର ଲୁହ ଭିଜା ଆଖିରୁ ବଞ୍ଚିଲା ଭଳି।ସେହି ଗୋଟିଏ କଥାରେ, ଅରବିନ୍ଦଙ୍କ ବାପା କେବଳ ଏକ ସ୍ୱପ୍ନ ଭାଙ୍ଗି ନଥିଲେ, ବରଂ ତାଙ୍କ ପୁଅ ଯେଉଁ ଭବିଷ୍ୟତ କଳ୍ପନା କରିବାକୁ ସାହସ କରିଥିଲା, ତାହାର ଦ୍ୱାର ବନ୍ଦ କରିଦେଇଥିଲେ। ଅରବିନ୍ଦ ସେଦିନ ରାତିରେ ଶୋଇପାରିନଥିଲା। କିନ୍ତୁ ସକାଳ ହେବା ବେଳକୁ ସେ ଏକ ଯୋଜନା ପ୍ରସ୍ତୁତ କରିଥିଲା। "ମୁଁ କାମ କରି ଟଙ୍କା ରୋଜଗାର କରିବି। କିନ୍ତୁ ସେହି ଟଙ୍କାରେ ମୁଁ ନିଜ ପାଇଁ ପୁସ୍ତକ କିଣିବି। ମୁଁ ପଢ଼ିବା ବନ୍ଦ କରିବି ନାହିଁ। ମୁଁ ବିରତି ନେଇପାରେ, କିନ୍ତୁ ମୁଁ ମୋର ଶିକ୍ଷା ବନ୍ଦ କରିବି ନାହିଁ," ସେ ଘରୁ ବାହାରକୁ ପାଦ ଦେବା ସମୟରେ ମନ୍ତ୍ର ପରି ଶବ୍ଦଗୁଡ଼ିକୁ ଦୋହରାଇ ନିଜକୁ କହିଥିଲା।

ସଫଳତା ସ୍ୱେଚ୍ଛାସେବୀ ସଙ୍ଗଠନ ଗଣିଆ ଉନ୍ନୟନ କମିଟି (GUC) ବ୍ରହ୍ମପୁରର ଏକ ରେଷ୍ଟୁରାଣ୍ଟରେ ଉଦ୍ଧାର କାର୍ଯ୍ୟ ଚଳାଇବା ବେଳେ ସ୍ଥାନୀୟ ପୁଲିସ ସହାୟତାରେ ସେମାନେ ତିନି ଜଣ ନାବାଳକଙ୍କୁ ଉଦ୍ଧାର କରିଥିଲେ। ତଦନ୍ତ ସମୟରେ,ସେମାନଙ୍କ ମଧ୍ୟରୁ ଦୁଇଜଣ ପ୍ରାୟତଃ ନୀରବ ଥିବା ବେଳେ, ଅରବିନ୍ଦ ନୀରବରେ କହିଥିଲେ, "ମୁଁ କେବଳ ମୋର ସ୍କୁଲପୁସ୍ତକ କିଣିବା ପାଇଁ ଯଥେଷ୍ଟ ରୋଜଗାର କରିବା ପାଇଁ କାମ କରୁଛି।"ଏଟଉରୁ ଆସିଥିବା ସଂଯୋଜକ ଅନେକ ଶିଶୁ ଶ୍ରମିକଙ୍କୁ ଭେଟି କାଉନ୍‌ସେଲିଂ କରିଥିଲେ ମଧ୍ୟ କେବେ ବି କୌଣସି ପିଲାପୁସ୍ତକ କିଣିବା ପାଇଁ କାମ କରୁଛନ୍ତି ବୋଲି କହିନଥିଲେ। ଶିଶୁ ସୁରକ୍ଷା ପାଇଁ ଓଡିଶାର ଏକାଧିକ ଜିଲ୍ଲାରେ କାର୍ଯ୍ୟ କରୁଥିବା ଏଟଉ 'ଜଷ୍ଟ ରାଇଟ୍ସ ଫର ଚିଲଡ୍‌ରେନ' (JRC)ର ଅଂଶୀଦାର। ଶିଶୁ ସୁରକ୍ଷା ଓ ଶିଶୁ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ଔଜଉ ଦେଶର ୪୧୮ଟି ଜିଲ୍ଲାରେ କାର୍ଯ୍ୟ କରୁଥିବା ୨୫୦ରୁ ଅଧିକ ଘଏଙସ୍ୱର ଭାରତର ସର୍ବବୃହତ ନେଟୱାର୍କ। ଯେତେବେଳେ ସ୍ୱପ୍ନ ବାସ୍ତବତା ସହ ମିଶେ "ଅରବିନ୍ଦଙ୍କ କାହାଣୀ ସହଜରେ ଦାରିଦ୍ର୍ୟ, ସୁଯୋଗ ହରାଇବା ଏବଂ ଦୁଃଖର କାହାଣୀ ହୋଇପାରେ। କିନ୍ତୁ ସେହି ଗୋଟିଏ ବକ୍ତବ୍ୟ ସବୁକିଛି ବଦଳାଇ ଦେଇଥିଲା। ଆମେ ତାଙ୍କ ଆଖିରେ ଦୃଢ଼ତା ଦେଖିଲୁ, ଏବଂ ତାଙ୍କ ସ୍ୱପ୍ନ ଆମର ପ୍ରେରଣା ପାଲଟିଗଲା। ଆମେ ଅରବିନ୍ଦଙ୍କୁ ବିଫଳ ହେବାକୁ ଦେବୁ ନାହିଁ। ସେ ଯେତେବେଳେ ଶିକ୍ଷା ପାଇବେ ଏବଂ ତାଙ୍କ ଭବିଷ୍ୟତକୁ ସୁଦୃଢ଼ କରିବେ, ଆମେ ତାଙ୍କ ସହିତ ଠିଆ ହେବୁ," ଗଣିଆ ଉନ୍ନୟନ କମିଟି (GUC)ର ନିର୍ଦ୍ଦେଶକ ଉଷା ରାଣୀ ପଟ୍ଟନାୟକ କହିଛନ୍ତି। ଉଦ୍ଧାର ପରେ ଅରବିନ୍ଦଙ୍କୁ ଗଞ୍ଜାମ ଶିଶୁ ମଙ୍ଗଳ କମିଟି(CWC)ରେ ହାଜର କରାଯାଇ ବ୍ରହ୍ମପୁରର ଏକ ସୁରକ୍ଷିତ ଆଶ୍ରୟସ୍ଥଳୀରେ ରଖାଯାଇଥିଲା। ତାଙ୍କ ସହ ଓ ତାଙ୍କ ବାପାମାଆଙ୍କ ସହ କାଉନସେଲିଂ ଅଧିବେଶନ ପରେ ଉଡଉ ତାଙ୍କୁ ତାଙ୍କ ପରିବାରକୁ ଫେରାଇ ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ। ଏବେ ସେ ଦଶମ ଶ୍ରେଣୀରେ ନାମ ଲେଖାଇବା ପାଇଁ ପ୍ରସ୍ତୁତି କରୁଛି। "ସବୁ ସଂସ୍ଥାଗୁଡ଼ିକର ସମନ୍ୱିତ ପ୍ରୟାସ ଦ୍ୱାରା ହିଁ ଆମେ ଶିଶୁ ଶ୍ରମିକ ଏବଂ ଶିଶୁ ଚାଲାଣ ଭଳି ଅପରାଧର ମୁକାବିଲା କରିପାରିବୁ। ଚାଲାଣକାରୀମାନେ ସର୍ବଦା ଦୁର୍ବଳ ପରିବାରଗୁଡ଼ିକୁ ଖୋଜି ଥାଆନ୍ତି ଯେଉଁମାନେ ଟାର୍ଗେଟ ଏବଂ ପ୍ରଲୋଭିତ ହୋଇପାରନ୍ତି। କଳ୍ପନା କରନ୍ତୁ ଯେ ଆହୁରି କେତେ ଅରବିନ୍ଦ ଏବେ ବି ବାହାରେ ଅଛନ୍ତି, କେହି ସେମାନଙ୍କୁ ଲକ୍ଷ୍ୟ କରିବ, ସେମାନଙ୍କୁ ଉଦ୍ଧାର କରିବ ଏବଂ ଶିକ୍ଷାକୁ ବାସ୍ତବତାରେ ପରିଣତ କରିବାରେ ସାହାଯ୍ୟ କରିବ ବୋଲି ଅପେକ୍ଷା କରି ରହିଛନ୍ତି। କେବଳ ସେମାନଙ୍କୁ ରକ୍ଷା କରିବା ନୁହେଁ ବରଂ ସେମାନଙ୍କୁ ସମସ୍ତ ସୁଯୋଗ ଯୋଗାଇବା ନିଶ୍ଚିତ କରିବା ଆମର ସାମୂହିକ ଦାୟିତ୍ୱ, ଯାହା ସେମାନଙ୍କର ଅଧିକାର," ଶ୍ରୀମତୀ ପଟ୍ଟନାୟକ କହିଥିଲେ।

## ଡଃ ନଳିନୀ ପତିଙ୍କର ରୋଟାରୀ ଇ-କ୍ଲବର ସଭାପତିତ୍ୱ ଗ୍ରହଣ



ଭୁବନେଶ୍ୱର/ କାନବେରା : ତା୨୫.୭ରିଖ ; ଆନ୍ତର୍ଜାତିକ ପ୍ରସିଦ୍ଧି ପ୍ରାପ୍ତ କର୍କଟ ରୋଗ ବିଶେଷଜ୍ଞ ଡଃ ନଳିନୀ ପତି ରୋଟାରୀ ଇଣ୍ଟରନ୍ୟାଶନାଲ ଜିଲ୍ଲା ୩୨୬୨ ଅଧୀନସ୍ଥ ଇ-କ୍ଲବର ସଭାପତିତ୍ୱ ଗ୍ରହଣ କରିଥିବା ଜଣାଯାଇଛି । ଆଇଟି ପରାମର୍ଶଦାତା ନୀଳାମ୍ବର ମିଶ୍ର କ୍ଲବର ସମ୍ପାଦକ ଭାବରେ ମନୋନୀତ ହୋଇଛନ୍ତି। ରୋଟାରିଆନ ଦୁର୍ଗା ପ୍ରସାଦ ଗୌଡ଼ ନୂଆ ଉପ-ସଭାପତି ଏବଂ ରବି କୁମାର ନାୟକ କୋଷାଧ୍ୟକ୍ଷ ପଦଭାର ଗ୍ରହଣ କରିଛନ୍ତି। ଏହି କ୍ଲବର ଦଶମ ସଭାପତି ଭାବରେ ଡଃ ପତିଙ୍କୁ ନିକଟରେ ଆୟୋଜିତ ଏକ ହାଇବ୍ରିଡ ଉତ୍ସବରେ ଅବସ୍ଥାପିତ କରାଯାଇଛି। ମୁଖ୍ୟ ସ୍ଥାପନା ଉତ୍ସବ କାନବେରାଠାରେ ଆୟୋଜନ କରାଯାଇଥିବା ବେଳେ ବିଶ୍ୱର କୋଣ ଅନୁକୋଣରୁ ରୋଟାରୀ ସଦସ୍ୟମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିବା ଦେଖାଯାଇଥିଲା । ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ରୋଟାରୀ ୩୨୬୨ ଜିଲ୍ଲାର ଗଭର୍ଣ୍ଣର ମନୋଜ ତ୍ରିପାଠୀ, ପିଡିଜି ଜୟଶ୍ରୀ ମହାନ୍ତି , ପିଡିଜି ଏସ.ପି. ବାଗାରିଆ, ପିପି ମାଙ୍ଗିଲାଲ ବଳଦେୱା, ପି.ପି ଡଃ. ଚିଦାତ୍ମିକା ଖଟୁଆ, ପିପି ତନ୍ମୟ ମହାନ୍ତି, ପିପି ନିହାର ଭୂୟାଁ, ପିପି ଆଶିଷ ସାହୁ, ପିପି ଅଭିଜିତ ସାହୁ, ରୋଟାରିଆନ ଡଃ ହରପ୍ରିୟା ଧଳ, ରୋଟାରିଆନ ରୂପାଲି କାକର, ଡଃ. ପ୍ରତ୍ୟୁଷ, ରୋଟାରିଆନ ଡଃ. ସୁସ୍ମିତା ଦାସ, ରୋଟାରିଆନ ମହମ୍ମଦ ରକନୁଦ୍ଦିନ ଅହମ୍ମଦ, ଦେବମିତ୍ରା ପାଢୀ ଏବଂ ଡଃ. ଲିତା ମହାପାତ୍ର ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ। ରୋଟାରୀ ଇ-କ୍ଲବକୁ ୨୦୧୬ ମସିହାରେ ସୁଦକ୍ଷ ଓ ସଦା ସକ୍ରୀୟ ପିଡିଜି ଜୟଶ୍ରୀ ମହାନ୍ତି ପ୍ରତିଷ୍ଠା କରିଥିଲେ । ଶ୍ରୀମତୀ ମହାନ୍ତିଙ୍କର ଉତ୍ତୁଙ୍ଗ ନେତୃତ୍ୱ ଏବଂ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କ୍ଲବ ଏବେ ବହୁ ସାଫଲ୍ୟ ଅର୍ଜନ କରିପାରିଛି। ଇ-କ୍ଲବ ଓଡ଼ିଶାରେ ନାନାବିଧ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟକାରୀ କରି ଯଥେଷ୍ଟ ସୁନାମ ଅର୍ଜନ କରି ଚାଲିଛି । ସମାବେଶରେ କ୍ଲବର ସଫଳତା ନେଇ ସନ୍ତୋଷ ପ୍ରକାଶ କରି ପିଡିଜି ଜୟଶ୍ରୀ ମହାନ୍ତି, ଏହି କ୍ଲବ ଏହାର ସ୍ଥାପନାର ଉଦ୍ଦେଶ୍ୟକୁ ସାକାର କରିବା ପାଇଁ ଆଗେଇ ଚାଲିଥିବା ପ୍ରକାଶ କରିଥିଲେ। ବିଶେଷ କରି ଏହାର ଗୌରବ ଗାଥା ମଧ୍ୟରେ ତିନୋଟି ଆନ୍ତର୍ଜାତୀୟ ଅନୁଦାନ ଯାଉଥିବା ଶ୍ରୀମତୀ ମହାନ୍ତି ଉଲ୍ଲେଖ କରିଥିଲେ। ସମଗ୍ର ସଭା କାର୍ଯ୍ୟକୁ ପିପି ଝଞ୍ଜା ଦାସ ସୂଚାରୁ ରୂପେ ସଞ୍ଚାଳନା କରିଥିଲେ। ଡିଜିଏନ୍ ହରନ ରାମଚନ୍ଦ୍ରନ କାନବେରାଠାରେ ସ୍ଥାପନା ଅଧିକାରୀ ଭାବରେ କାର୍ଯ୍ୟ ନିର୍ବାହ କରିଥିଲେ। ପରେ ଶ୍ରୀ ରାମଚନ୍ଦ୍ରନ ଏକ ବିବୃତିରେ କାନବେରାର ଗର୍ବିତ ନାଗରିକ ତଥା ଦରଦୀ ରୋଟାରିଆନ ଡଃ ନଳିନୀ ପତି, ତାଙ୍କର ନୂତନ କର୍ମକ୍ଷେତ୍ରକୁସଫଳ ନେତୃତ୍ୱ, ସମ୍ବେଦନଶୀଳ ବ୍ୟକ୍ତିତ୍ୱ ଏବଂ ପେଶାଦାରୀ ପାରଦର୍ଶିତାର ବିପୁଳ ଅଭିଜ୍ଞତା ଓ ଅପାର କୁଶଳତାର ବାହକ ହେବେବୋଲି ଆଶା ପ୍ରକାଶ କରିଥିଲେ।ଅଷ୍ଟ୍ରେଲୀୟ ଓଡ଼ିଆ ଭାବରେ ବିଶ୍ୱର ସର୍ବାଧିକ ନାମକରା ଦାତବ୍ୟ ସଙ୍ଗଠନ ରୋଟାରୀ ଇଣ୍ଟରନ୍ୟାଶନାଲର ଏଭଳି ସମ୍ମାନସ୍ୱଦ ପଦବୀ ଅଧିକାର କରିବାରେ ଡଃ. ପତି ପ୍ରଥମ। ତାଙ୍କର ନିଯୁକ୍ତି ସମ୍ପର୍କୀୟ ଖବର ଜଣା ପଡ଼ିବା ପରେ ଅଷ୍ଟ୍ରେଲିଆରେ ଅବସ୍ଥାପିତ ସମଗ୍ର ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଥିବା ଜଣା ଯାଇଛି।ଜଣେ ଆଗଧାଡ଼ିର ଚିକିତ୍ସାବିତ ଭାବରେ ସାରା ପୃଥିବୀରେ ପ୍ରତିଷ୍ଠା ଅର୍ଜନ କରିଥିବା ଡଃ. ନଳିନୀ ପତି ଏବେ ୱାର୍ଲ୍ଡ ଓଡ଼ିଶା ସୋସାଇଟିର ଉପାଧ୍ୟକ୍ଷ ରହିଛନ୍ତି। ସେ ଅଷ୍ଟ୍ରେଲିଆ ଓଡ଼ିଆ ସମାଜ (ଓରିଓଜ.ଇଙ୍କ )ର ପୂର୍ବତନ ସଭାପତି ଅଟନ୍ତି। ଜଣେ ପ୍ରାଧ୍ୟାପକ ଭାବରେ ଡଃ. ପତି ଏବେ ହେମାଟୋଲୋଜି, ଅଙ୍କ ?ଲୋଜି, ପେଡ଼ିଆଟ୍ରିକ୍ ହେମାଟୋଲୋଜିର ବିଭାଗର ବରିଷ୍ଠ ପରାମର୍ଶଦାତା ଭାବରେ ଅଷ୍ଟ୍ରେଲିଆର କାନବେରା ଚିକିତ୍ସାଳୟରେ କାର୍ଯ୍ୟରତ ଅଛନ୍ତି । ସେ ଅଷ୍ଟ୍ରେଲିଆର ଜାତୀୟ ବିଶ୍ୱ ବିଦ୍ୟାଳୟ ଏବଂ କାନବେରା ବିଶ୍ୱ ବିଦ୍ୟାଳୟର ବରିଷ୍ଠ ଫ୍ୟାକଲ୍ଟି ସଦସ୍ୟ ଏବଂ ଭାରତର ମଣିପାଲ ବିଶ୍ୱବିଦ୍ୟାଳୟର ପରିଦର୍ଶକ ପ୍ରଫେସର ପଦବୀରେ ରହିଛନ୍ତି। ହେମାଟୋ ଲୋଜିରେ ଡଃ. ପତି ଆନ୍ତର୍ଜାତୀୟ କ୍ଲିନିକାଲ ଟ୍ରାଏଲ ମଧ୍ୟ ପରିଚାଳନା କରି ଆସୁଛନ୍ତି। ଜଣେ କର୍ମଠ, ନିଷ୍ଠାପର, ସଚ୍ଚୋଟ, ଦରଦୀ, ଉତ୍ସର୍ଗୀକୃତ, ପରୋପକାରୀ, ମିଷ୍ଟଭାଷୀ, ଭରସା ସମ୍ପନ୍ନ ଏବଂ ଦାୟିତ୍ୱବାନ ବ୍ୟକ୍ତି ଭାବରେ ଡଃ. ପତିଙ୍କର ସମାଜରେ ବେଶ ସୁନାମ ରହିଛି। ଅସାମାନ୍ୟ ସାଙ୍ଗଠନିକ ଶକ୍ତିର ଅଧିକାରୀ ଡଃ. ପତି ରୋଟାରୀ ଇଣ୍ଟରନ୍ୟାଶନାଲ ପାଇଁ ନିଶ୍ଚିତ ଜଣେ ବହୁ ମୂଲ୍ୟବାନ ସମ୍ପଦ ଭାବରେ ଗଣ୍ୟ ହେବେ ବୋଲି କୁହାଯାଉଛି। ଡାକ୍ତରୀ ଦୁନିଆ ଏବଂ ସମାଜ ପାଇଁ ଡଃ. ପତିଙ୍କର ଉଲ୍ଲେଖନୀୟ ଅବଦାନ ଯୋଗୁଁ ତାଙ୍କୁ ବହୁ ପୁରସ୍କାର ଓ ଉପାଧି ପ୍ରଦାନ କରାଯାଇଛି। ଏହା ମଧ୍ୟରେ ଅଷ୍ଟ୍ରେଲିଆରୁ ଏଫ୍ଆରଏସିପି ଏବଂ ଏଫ୍ଆରସିପିଏ ଆଦି ଫେଲୋସିପ, ଏସଟିଆଚାର ସ୍ୱର୍ଣ୍ଣ ପଦକ, ଅଷ୍ଟ୍ରେଲିଆର ନାଟା ତରଫରୁ ଉତ୍କର୍ଷ ସେବା ସମ୍ମାନ, ଗ୍ରାମୀଣ ଅଷ୍ଟ୍ରେଲିଆରେ ବିଶେଷ ସେବା ପାଇଁ ଜୀବନବ୍ୟାପୀ ସାଧନା ପୁରସ୍କାର ଏବଂ ରୟାଲ୍ ଅଷ୍ଟ୍ରେଲେସିଆ କଲେଜ ଅଫ ଫିଜିସିଆନ ତରଫରୁ ସ୍ୱର୍ଣ୍ଣ ପଦକ ଆଦି ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ସମାଜ ସେବା ପାଇଁ ଭାରତ ଓ ଅଷ୍ଟ୍ରେଲିଆରେ ସେ ବହୁ ପୁରସ୍କାରର ଅଧିକାରୀ ହୋଇଛନ୍ତି। କର୍କଟ, ହୃଦରୋଗ ଏବଂ ଅନ୍ୟାନ୍ୟ ଗୁରୁତର ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ଡଃ. ପତି ନିୟମିତ ଭାବରେ ଜନ ସଚେତନତା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଆସୁଛନ୍ତି। ରୋଟାରୀ ଇ-କ୍ଲବର ସଭାପତି ଦାୟିତ୍ୱ ଗ୍ରହଣ କରିବା ପରେ ଡଃ. ପତିଙ୍କୁ ୱାର୍ଲ୍ଡ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ପିଡିଜି ଜୟଶ୍ରୀ ମହାନ୍ତି, ରୋଟାରିଆନ ଡଃ. ଚିଦାତ୍ମିକା ଖଟୁଆ, ଆଶିଷ ସାହୁ, ଡଃ. ପ୍ରତ୍ୟୁଷ, ଡଃ. ସୁସ୍ମିତା ଦାସ ଏବଂରୋଟାରିଆନ କାଭି ପ୍ରମୁଖ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଡଃ ପତିଙ୍କର ଅମ୍ଳାନ ବ୍ୟକ୍ତିତ୍ୱ, ସଫଳତା ପୂର୍ଣ୍ଣ ପୃଷ୍ଠଭୂମି, ଲୋକାଭିମୁଖୀ ଆଭିମୁଖ୍ୟ ଯୋଗୁଁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅଷ୍ଟ୍ରେଲିଆଠାରୁ ଓଡ଼ିଶା ପର୍ଯ୍ୟନ୍ତ ସେ ବେଶ ଲୋକପ୍ରିୟତା ଅର୍ଜନ କରିପାରିଛନ୍ତି । ସ୍ଥାପନା ସମାରୋହ ପରେ ଗଣମାଧ୍ୟମକୁ ନିଜର ବକ୍ତବ୍ୟ ପ୍ରଦାନ କରି ଡଃ. ପତି, ରୋଟାରୀ ନେତୃବର୍ଗ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ସେ ନିଜର କୃତଜ୍ଞତା ପ୍ରକାଶ କରିଛନ୍ତି। ସମସ୍ତଙ୍କର ସହଯୋଗ କ୍ରମେ ସେ ରୋଟାରୀ ଇ-କ୍ଲବର ସଭାପତି ଭାବରେ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ଜନସାଧାରଣଙ୍କର ସେବା କରିବା ପାଇଁ ନିଜର ସାଧ ମୁତାବକ ପ୍ରଚେଷ୍ଟା କରିବେ ବୋଲି ମତବ୍ୟକ୍ତ କରିଛନ୍ତି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray